୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK पर्यवेक्षक

Vol.26 . No.16 Bhubaneswar Tuesday February 20 2024 | ୨୬ତମ ବର୍ଷ ସଂଖ୍ୟା-୧୬ ଭୁବନେଶ୍ୱର, ମଙ୍ଗଳବାର, ଫେବୃଆରୀ ୨୦, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

# ମହର୍ଷି ପବ୍ଲିକ୍ ସ୍କୁଲ୍‌ର ବାର୍ଷିକ ଉତ୍ସବ






ବାରିପଦା,୧୯।୨(ପି.ଏନ): ବାରିପଦା ର ବଘଡାରୋଡ ସ୍ଥିତ ମହର୍ଷି ପବ୍ଲିକ୍ ସ୍କୁଲ ର ୨୧ତମ ବାର୍ଷିକ ଉତ୍ସବ ମହାସମାରୋହ ରେ ପାଳିତ ହୋଇଯାଇଛି। ପ୍ରଥମେ ଗୁରୁଦେବ ଶ୍ରୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ପୂଜା ପରେ କାର୍ଯ୍ୟକ୍ରମ କୁ ସ୍କୁଲ ର ସଭାପତି ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ ପରିଚାଳନା କରିଥିଲେ । ସ୍କୁଲ ର ପ୍ରଧାନ ଶିକ୍ଷକ ଶ୍ରୀ କାଜଲ କାନ୍ତି ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟ ଅତିଥି ପୂର୍ବତନ ଏମ. ପି ଓ ବର୍ତ୍ତମାନ ରାଜ୍ୟ ଯୋଜନା କମିଶନ ର ମେମ୍ବର ଡ. ପ୍ରସନ୍ନ ପାଟଶାଣୀ ଯୋଗ ଦେଇ ଗୁରୁ ଶିଷ୍ୟ ର ପରମ୍ପରା ରେ ଶିକ୍ଷା ର ଭୂମିକା କୁ ବର୍ଣ୍ଣନା କରିବାସହ ଉପସ୍ଥିତ ଛାତ୍ର ଛାତ୍ରୀ , ଅଭିଭାବକ , ଦର୍ଶକ ମାନଙ୍କ ଶୃଙ୍ଖଳା ଦେଖି ମୟୂରଭଞ୍ଜ ର ସଂସ୍କୃତି , ପରମ୍ପରା ଓ ଶୃଙ୍ଖଳା ର ଭୁରି ଭୁରି ପ୍ରଶଂସା କରିଥିଲେ ।ମୁଖ୍ୟ ବକ୍ତା ଭାବ ରେ ଏମ. ପି. ସି ଅଟୋନମାସ ର ପୂର୍ବତନ ରିଟାଏଡ ମେଜର ଡ. ରବୀନ୍ଦ୍ରନାଥ ପରିଡା ଯୋଗ ଦେଇ ପିଲାମାନଙ୍କୁ ମନ ଲଗାଇ ପାଠ ପଢି, ବଡ ହୋଇ ପୃଥିବୀ ରେ ମୟୂରଭଞ୍ଜ ର ଟେକ ରଖିବାକୁ ବହୁମୂଲ୍ୟ ଉପଦେଶ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ମହର୍ଷି ସ୍କୁଲ ର ଚେୟାରମ୍ୟାନ ତଥା ପ୍ରତ୍ୟହ ଖବର କାଗଜ ପର୍ଯ୍ୟବେକ୍ଷକ ଓ କଳିଙ୍ଗ କ୍ରୋନିକଲ ର ଏଡିଟର ମହର୍ଷି ଙ୍କ ଭବାବିତ ଧ୍ୟାନ ଓ ଶିକ୍ଷା ବ୍ୟବସ୍ଥା ର ଉପରେ ଆଲୋଚନା କରିଥିଲେ । ଏବଂ ସମ୍ମାନିତ ଅତିଥି ଶ୍ରୀମତୀ ଏସ. ଗୀତାଞ୍ଜଳୀ , ତାଙ୍କ ଦ୍ୱାରା ରଚିତ ଅନେକ ଗଳ୍ପ , କବିତା ଆଦି ସଂକଳନ କିପରି ଆଦୃତ ହୋଇପାରିଛି ଏବଂ ପିଲାମାନଙ୍କର ସୃଜନ ଶକ୍ତି ର ବିକାଶ ପାଇଁ ବହି ପଢିବା ସଙ୍ଗେ କିଛି ଲେଖା ଲେଖି ଆରମ୍ଭ କରିବାରେ ସମୟ ଦେବାପାଇଁ ମତ ରଖିଥିଲେ । ଉକ୍ତ ବ୍ୟକ୍ତବ ପରେ ପରେ ବିଭିନ୍ନ ପ୍ରତିଯୋଗୀତା ରେ ପୁରସ୍କୃତ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସେମାନଙ୍କ ମାନପତ୍ର ଓ କପ ଦିଆଯାଇ ପୁରସ୍କୃତ କରାଯାଇଥିଲା... ପୁରସ୍କାର ଉତ୍ସବ ପରେ ଶ୍ରୀ ଅଶୋକ କୁମାର କର ସମସ୍ତ ଅତିଥି , ଉପସ୍ଥିତ ଅଭିଭାବକ , ଦର୍ଶକ ଓ କାର୍ଯ୍ୟକ୍ରମ ସମ୍ପନ୍ନ କରିବାରେ ସହଯୋଗ କରିଥିବା ପ୍ରତ୍ୟକଙ୍କୁ ଧନ୍ୟବାଦ ଦେଇଥିଲେ । ଏହାପରେ ପିଲାମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ରଙ୍ଗରଙ୍ଗ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ।

## ୨୫ ଜଣ ଓଏଏସ୍ ଅଧିକାରୀଙ୍କୁ ନୂଆ ସ୍ଥାନରେ ନିଯୁକ୍ତି: ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ

ଭୁବନେଶ୍ୱର,୧୯।୨(ପି.ଏନ): ଓଡିଶା ପ୍ରଶାସନିକ ସେବା (ଓଏଏସ) ଅଧିକାରୀ ସ୍ତରରେ ଏକ ବଡଧରଣର ଅଦଳବଦଳ କରାଯାଇଛି । ୨୫ ଜଣ ଓଏଏସ୍ ଅଧିକାରୀଙ୍କୁ ଟ୍ରାନ୍ସଫର କରାଯିବା ସହିତ ନୂଆ ସ୍ଥାନରେ ନିଯୁକ୍ତି ଦିଆଯାଇଛି । ଏନେଇ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ପ୍ରକାଶ ପାଇଛି ।ବରଗଡ ତହସିଲଦାର ବର୍ସିଅସ ଡୁଙ୍ଗଡୁଙ୍ଗଙ୍କୁ ବରଗଡ ବିଡିଓ ଭାବେ ନିଯୁକ୍ତି ଦିଆଯାଇଛି । ସେହିପରି ସୁନ୍ଦରଗଡର ଡେପୁଟି କଲେକ୍ଟର ସୁଧୀର କୁମାର ନନ୍ଦଙ୍କୁ ବରଗଡ ତହସିଲଦାର ଭାବେ, ବୌଦ୍ଧ ଡେପୁଟି କଲେକ୍ଟର ଶଶାଙ୍କ କୁମାର ପାତ୍ରଙ୍କୁ ଲାଞ୍ଜିଗଡ ବିଡିଓ ଭାବେ, ଗୋଲାମୁଣ୍ଡା ତହସିଲଦାର ଅଶୋକ ପଟ୍ଟନାୟକଙ୍କୁ ପାତ୍ରପୁର ତହସିଲଦାର ଭାବେ, ଲକ୍ଷ୍ମଣପୁର ତହସିଲଦାର ସଦାକର କୁମ୍ଭାରଙ୍କୁ ଗୋଲାମୁଣ୍ଡା ତହସିଲଦାର ଭାବେ ଟ୍ରାନ୍ସଫର କରାଯାଇଛି ।

## ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୧୮ ଓ ୧୯ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

-ପ୍ରକାଶକ

## ଅଂଶୁମାନଙ୍କୁ ନେଇ ବିଜେଡ଼ିରେ ଝଡ; ଧ୍ରୁବ ସାହୁଙ୍କୁ ଘାଇଲା କଲେ କର୍ମୀ!





ଭୁବନେଶ୍ୱର,୧୯।୨(ପି.ଏନ): କଂଗ୍ରେସ ଛାଡି ବିଜେଡିରେ ମିଶିଛନ୍ତି ଅଂଶୁମାନ ମହାନ୍ତି। କିନ୍ତୁ ତାଙ୍କୁ ଗ୍ରହଣ କରିପାରୁନାହାନ୍ତି ରାଜନଗର ନିର୍ବାଚନମଣ୍ଡଳୀର ବିଜେଡି କର୍ମୀ। ଯିଏ ଦିନେ ବିଜେଡି ଓ ନବୀନ ପଟ୍ଟନାୟକଙ୍କୁ ସମାଲୋଚନା କରୁଥିଲେ ଏବଂ କୁଶପୁତଳିକା ଦାହ କରିଥିଲେ, ତାଙ୍କୁ କେମିତି ମିଶାଗଲା ବୋଲି ପ୍ରଶ୍ନ କରିଛନ୍ତି କର୍ମୀ। କର୍ମୀଙ୍କ ପ୍ରଶ୍ନ ବାଣରେ ବିଧାୟକ ଧ୍ରୁବ ଚରଣ ସାହୁ ଘାଇଲା ହୋଇଥିବା ଚର୍ଚ୍ଚା ହେଉଛି। କେନ୍ଦ୍ରାପଡା ଜିଲ୍ଲା ରାଜନଗରର ପୂର୍ବତନ ବିଧାୟକ ହେଉଛନ୍ତି ଅଂଶୁମାନ ମହାନ୍ତି। ୨୦୧୪ରେ ସେ ଏଠାରୁ ବିଜୟୀ ହୋଇଥିଲେ। ବର୍ତ୍ତମାନ ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁଙ୍କୁ ପରାସ୍ତ କରି ବିଧାନସଭାକୁ ନିର୍ବାଚିତ ହୋଇଥିଲେ ଅଂଶୁମାନ। ତେବେ ୨୦୧୯ ସାଧାରଣ ନିର୍ବାଚନରେ ଚିତ୍ର ପୂରା ଓଲଟି ଯାଇଥିଲା। ଅଂଶୁମାନଙ୍କୁ ପରାସ୍ତ କରି ଧ୍ରୁବ ସାହୁ ବିଜୟୀ ହୋଇଥିଲେ। ନିର୍ବାଚନରେ ପରାସ୍ତ ପରେ ଅଂଶୁମାନ ବିଜେଡି ଓ ନବୀନ ପଟ୍ଟନାୟକଙ୍କ ବିରୋଧରେ ଖୁବ୍ ବର୍ଷିଥିବା ଅଭିଯୋଗ ହୋଇଥିଲା। ଏହା ସତ୍ତ୍ୱେ ସେ ବିଜେଡିରେ ଯୋଗଦେବାକୁ ନେଇ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

## ଚଣ୍ଡିଗଡ ରିଟର୍ଣ୍ଣିଂ ଅଫିସରଙ୍କୁ ପ୍ରଶ୍ନ ପଚାରି ଘାଇଲା କଲେ ସିଜେଆଇ



ନୂଆଦିଲ୍ଲୀ,୧୯।୨(ପି.ଏନ) : ଚଣ୍ଡିଗଡ ମେୟର ନିର୍ବାଚନ ବେଳେ ରିଟର୍ଣ୍ଣିଂ ଅଫିସର ଥିବା ଅନୀଲ ମସିହଙ୍କ ଉପରେ ଆଜି ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି ସୁପ୍ରିମକୋର୍ଟ। ସେ ନିର୍ବାଚନରେ ଅନିୟମିତତା କରି ଆପ୍‌ର ୮ ଜଣ କାଉନସିଲରଙ୍କ ଭୋଟକୁ ନାକଚ କରିଦେଇଥିବା ଅଭିଯୋଗ ହୋଇଛି। ଏହାଦ୍ୱାରା ସଂଖ୍ୟା ନଥାଇ ବି ବିଜେପି ମେୟର ନିର୍ବାଚନରେ ବାଜିମାତ କରିଥିଲା ।ଆପ୍ ଓ କଂଗ୍ରେସ ଅନୀଲଙ୍କ ଭୂମିକା ଉପରେ ପ୍ରଶ୍ନ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସୁପ୍ରିମକୋର୍ଟ ଏହାର ଶୁଣାଣି କରି ରିଟର୍ଣ୍ଣିଂ ଅଫିସରଙ୍କ ବିରୋଧରେ ମାମଲା ଚଳାଇବାକୁ କହିଛନ୍ତି। ଏଥିସହ ସ୍ୱାଧୀନ ଭାରତରେ ପ୍ରଥମଥର ପାଇଁ କୌଣସି ରିଟର୍ଣ୍ଣିଂ ଅଫିସରଙ୍କୁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜେରା କରିଛନ୍ତି ।ଅନୀଲ ମସିହ ହେଉଛନ୍ତି ବିଜେପି ସଂଖ୍ୟାଲଘୁ ସେଲର ସଦସ୍ୟ। ତଥାପି ତାଙ୍କୁ ରିଟର୍ଣ୍ଣିଂ ଅଫିସର ଭାବେ ନିଯୁକ୍ତି ମିଳିଥିଲା। ସେ ବିଜେପିକୁ ଜିତାଇବା ପାଇଁ ଜାଣିଶୁଣି ଆପର ୮ଟି ଭୋଟକୁ ନାକଚ କରିଦେଇଥିବା ଅଭିଯୋଗ ହୋଇଛି। ୮ଟି ଭୋଟ ନାକଚ ହୋଇଯିବାରୁ ବିଜେପି ପ୍ରାର୍ଥୀ ମନୋଜ ସୋନକର ମେୟର ନିର୍ବାଚନ ଜିତି ଯାଇଥିଲେ।

## ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞଙ୍କ ଅକାଳ ବିୟୋଗ



ଭୁବନେଶ୍ୱର,୧୯।୨(ପି.ନ): କ୍ୟାପିଟାଲ ହସ୍ପିଟାଲର ପୂର୍ବତନ ସହକାରୀ ନିର୍ଦ୍ଦେଶକ ତଥା ବରିଷ୍ଠ ଶିଶୁ ରୋଗ ବିଶେଷଜ୍ଞ ଡାକ୍ତର ପ୍ରମୋଦ କୁମାର ରାଉତଙ୍କର ୫୫ ବର୍ଷ ବୟସରେ ନିଧନ ଘଟିଛି। ଆନନ୍ଦପୁର ଉପଖଣ୍ଡ ଭାଟସିରା ଗ୍ରାମରେ ଜନ୍ମିତ ଡକ୍ଟର ରାଉତ ଭଦ୍ରକ ମହାବିଦ୍ୟାଳୟରେ ଉଦ୍ଭିଦ୍ ବିଜ୍ଞାନରେ ସ୍ନାତକ କରୁଥିବା ସମୟରେ ୧୯୮୭ ମସିହାରେ ଡାକ୍ତରୀ ପ୍ରବେଶିକା ପରୀକ୍ଷାରେ ଉ□ର୍ଣ୍ଣ ହୋଇ ବୁର୍ଲାସ୍ଥିତ ବୀର ସୁରେନ୍ଦ୍ର ସାଏ ମେଡ଼ିକାଲ କଲେଜରୁ ୧୯୯୩ ମସିହାରେ ଏମ୍‌ବିବିଏସ ଏବଂ ଶ୍ରୀରାମ ଭଞ୍ଜ ମେଡ଼ିକାଲ କଲେଜରୁ ଶିଶୁ ରୋଗ ବିଷୟରେ ସ୍ନାତକୋ□ର ଡିଗ୍ରୀ ହାସଲ କରିଥିଲେ। ସେ ଜଣେ ମେଧାବୀ ତଥା ପରୋପକାରୀ ଓ ରୋଗୀ ବତ୍ସଳ ଚିକିତ୍ସକ ଥିଲେ। ତାଙ୍କ ବିୟୋଗରେ ଅନେକ ସହକର୍ମୀ ବନ୍ଧୁ ଓ ବ୍ୟକ୍ତି ବିଶେଷ ଶୋକ ପ୍ରକାଶ କରିଛନ୍ତି ।

## ଓଡିଶାର ମୁଖ୍ୟମନ୍ତ୍ରୀ ଦେଶରେ ଶ୍ରେଷ୍ଠ: ଲୋକପ୍ରିୟତାରେ ପୁଣି ଏକ ନମ୍ବର ହେଲେ ନବୀନ

ଭୁବନେଶ୍ୱର,୧୯।୨(ପି.ଏନ): ରେକର୍ଡ ପରେ ରେକର୍ଡ କରି ଚାଲିଛନ୍ତି ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଏହା ମଧ୍ୟରେ ପୁଣି ଥରେ ଲୋକପ୍ରିୟତାରେ ସବୁଠାରୁ ଆଗରେ ରହିଛନ୍ତି ନବୀନ । ଦେଶର ଏକନମ୍ବର ମୁଖ୍ୟମନ୍ତ୍ରୀ ହେବାର ସୌଭାଗ୍ୟ ଅର୍ଜନ କରିଛନ୍ତି ନବୀନ । ନିକଟରେ ଇଣ୍ଡିଆ ଟୁଡେର ମୁଡ୍ ଅଫ୍ ଦି ନେସନ୍ ପକ୍ଷରୁ କରାଯାଇଥିବା ସର୍ଭେ?ରେ ଦେଶର ସମସ୍ତ ମୁଖ୍ୟମନ୍ତ୍ରୀମାନଙ୍କୁ ପଛରେ ପକାଇ ନବୀନ ସର୍ବାଗ୍ରେ ରହିଛନ୍ତି ।ଏହି ରେଟିଂରେ ନବୀନ ପ୍ରଥମ ସ୍ଥାନରେ ରହିବା ସହିତ ୫୨.୭ ପ୍ରତିଶତ ରେଟିଂ ହାସଲ କରିଛନ୍ତି ।

## ସ୍ୱତନ୍ତ୍ର ଉନ୍ନୟନ ପରିଷଦ' ମୟୂରଭଞ୍ଜଙ୍କ ଦ୍ୱାରା ବାରିପଦା ଠାରେ ଜନଜାତି ସାଂସ୍କୃତିକ ସମ୍ମିଳନୀ ମହାସମାରୋହ ରେ ଅନୁଷ୍ଠିତ



ବାରିପଦା,(ପି.ଏନ): ଜିଲ୍ଲା ଆଦିବାସୀ କଳା ସଂସ୍କୃତିର ବିକାଶ ଏବଂ ଯୁବବର୍ଗଙ୍କ ଭିତରେ ଲୁକ୍କାୟିତ ରହିଥିବା କ୍ରୀଡା ନୈପୁଣ୍ୟତାକୁ ଲୋକଲୋଚନକୁ ଆଣିବା ପାଇଁ ସରକାରଙ୍କ ନିର୍ଦ୍ଦେଶ କ୍ରମେ,ମୟୁରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପରିଷଦର ଅଧ୍ୟକ୍ଷ ଡ଼.ଦେବାଶିଷ ମାରାଣ୍ଡୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଂଚାୟତସ୍ତରରୁ ଆରମ୍ଭକରି ପଂଚାୟତ ସମିତି ଏବଂ ଜିଲ୍ଲା ସ୍ତରରେ ଏକ ବିରାଟ ଫୁଟବଲ ଟୁର୍ଣ୍ଣାମେଣ୍ଟ 'ଏସଡିସି ଗ୍ରାଣ୍ଡ କପ 'ଆୟୋଜନ ହୋଇଯାଇଛି । ଜିଲ୍ଲାର ୨୬ଟି ବ୍ଲକର ୨୬ଟି ବିଜେତା ଦଳକୁ ନେଇ ରାଇରଙ୍ଗପୁର କଚେରୀ ପଡିଆରେ ଜିଲ୍ଲାସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯଇ ବିଜେତା ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ଟ୍ରଫି ପ୍ରଦାନ ସହ ସେମାନଙ୍କର ଫୁଟବଲ ପ୍ରତି ଆଗ୍ରହକୁ ଦିଗୁଣିତ କରିବା ପାଇଁ ସରକାରଙ୍କ ତରଫରୁ ଆର୍ଥିକ ସହାୟତା ପ୍ରଦାନ ବାବଦକୁ ବିଜୟୀ ଦଳକୁ ଏକ ଲକ୍ଷ, ଦ୍ୱିତୀୟ ସ୍ଥାନରେଥିବା ଦଳକୁ ୫୦ ହଜାର, ତୃତୀୟ ସ୍ଥାନ ଅଧିକାର କରିଥିବା ଦଳକୁ ୩୦ ହଜାର ଏବଂ ଚତୁର୍ଥ ସ୍ଥାନ ଅଧିକାର କରିଥିବା ଦଳକୁ ୨୫ ହଜାର କରି ଅର୍ଥ ପ୍ରଦାନ କରାଯାଇଥିଲା କ୍ଷଏବଂ ମେନ ଅଫ ଟୁର୍ଣ୍ଣାମେଣ୍ଟଙ୍କୁ ବୁଲେଟ ମୋଟର ସାଇକେଲ, ଶ୍ରେଷ୍ଠ ଗୋଲ ରକ୍ଷକଙ୍କୁ ୨୫ହଜାର ଓ ଶ୍ରେଷ୍ଠ ଡ଼ିଫେଣ୍ଡରଙ୍କୁ ମଧ୍ୟ ୨୫ହଜାର କରି ଅର୍ଥରାଶି ପ୍ରଦାନ କରାଯାଇଥିଲା । ଠିକ ସେପରି ଆଦିବାସୀ କଳା ସଂସ୍କୃତିର ବିକାଶ କରିବା ପାଇଁ ବାରିପଦାର ଛଉ ପଡ଼ିଆ ଠାରେ ମଧ୍ୟ 'ଜନଜାତି ସାଂସ୍କୃତିକ ସମ୍ମିଳନୀ' ମହା ଆଡମ୍ବରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାର ବିଭିନ୍ନ ଆଦିବାସୀ ସାଂସ୍କୃତିକ ଅନୁଷ୍ଠାନ ମାନଙ୍କ ଦ୍ୱାରା ଏଠାରେ ପାରମ୍ପରିକ ଗୀତ ନାଚ ପରିବେଷଣ କରାଯାଇଥିଲା ।

## ଉଦ୍‌ଘାଟିତ ହେଲା କିସ୍-ବୌଦ୍ଧ ଶାଖା ଓ ୧୦୦ ଶଯ୍ୟା ବିଶିଷ୍ଟ ହସ୍‌ପିଟାଲ୍ ଭୂମି ପୂଜନ

## ବିପିଏଲ୍ ବର୍ଗର ଛାତ୍ରଛାତ୍ରୀଙ୍କୁ ବିନାଦେୟରେ ଇଂରାଜୀମାଧ୍ୟମ ଶିକ୍ଷା



ବୌଦ୍ଧ,୧୯।୨(ପି.ଏନ): କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତଙ୍କ ପ୍ରୟାସରେ ବୌଦ୍ଧ ଜିଲ୍ଲା ଲୁଣିବାହାଲଠାରେ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍‌ସେସ୍ (କିସ୍)- ବୌଦ୍ଧ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଉଦ୍‌ଘାଟନ ଓ ୧୦୦ ଶଯ୍ୟା ବିଶିଷ୍ଟ ଅତ୍ୟାଧୁନିକ ହସ୍‌ପିଟାଲ୍‌ର ଭୂମି ପୂଜନ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପଂଚାୟତିରାଜ ଓ ପାନୀୟଜଳ, ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ତଥା ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ କଂଟାମାଳ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ମହୀଧର ରଣା, ଜିଲ୍ଲା ପରିଷଦ ସଭାପତି ପ୍ରଭାସିନୀ ଦାସ, ବୌଦ୍ଧ ଜିଲ୍ଲାପାଳ ଜେ ସୋନାଲ୍ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାଜ ପ୍ରସାଦ ପ୍ରମୁଖ ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀ ଅମାତ କହିଲେ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରୟାସକୁ ଆହୁରି ଆଗକୁ ନେଇଛନ୍ତି ଅଚ୍ୟୁତ ସାମନ୍ତ। ଲୁଣିବାହାଲରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟ କିସ୍-ବୌଦ୍ଧ ଓ ହସ୍‌ପିଟାଲ୍ ପ୍ରତିଷ୍ଠା ହେବା ଦ୍ୱାରା ବୌଦ୍ଧ ଜିଲ୍ଲାରେ ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଗ୍ରଗତି କରିବ। ସ୍ୱାଗତ ଭାଷଣ ଦେଇ କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ କହିଲେ, ବୌଦ୍ଧ ଜିଲ୍ଲାର ଗରିବ (ବିପିଏଲ୍) ବର୍ଗର ଛାତ୍ରଛାତ୍ରୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ଲକ୍ଷ୍ୟରେ କିସ୍-ବୌଦ୍ଧ ପ୍ରତିଷ୍ଠା କରାଯାଇଛି। ଏହି ବିଦ୍ୟାଳୟରେ ବିପିଏଲ୍ ବର୍ଗର ପିଲାମାନେ ବିନା ଦେୟରେ ଇଂରାଜୀ ମାଧ୍ୟମ (ସିବିଏସ୍‌ଇ)ରେ ଶିକ୍ଷାଲାଭ କରିବେ। ଏହି ବିଦ୍ୟାଳୟ କିସ୍-ଭୁବନେଶ୍ୱର ଦ୍ୱାରା ପରିଚାଳିତ ହେବ। ଚଳିତ ଶିକ୍ଷାବର୍ଷଠାରୁ ଏହି ବିଦ୍ୟାଳୟରେ ନାମଲେଖା ଆରମ୍ଭ ହୋଇ ଶିକ୍ଷାଦାନ କରାଯାଇପାରିବ। ଏଠାରୁ ଉତୀର୍ଣ୍ଣ ହୋଇଥିବା ମେଧାବୀ ଛାତ୍ରଛାତ୍ରୀ କିଟ୍‌ରେ ପଢ଼ିବାର ବ୍ୟବସ୍ଥା କରାଯିବ ବୋଲି ଶ୍ରୀ ସାମନ୍ତ କହିଥିଲେ। ସେହିପରି ବୌଦ୍ଧ ଜିଲ୍ଲାର ଲୋକମାନଙ୍କୁ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ ସାଂସଦଙ୍କ ପ୍ରୟାସ କ୍ରମେ ଲୁଣିବାହାଲଠାରେ ୧୦୦ କୋଟି ଟଙ୍କା ବ୍ୟୟରେ ୧୦୦ ଶଯ୍ୟା ବିଶିଷ୍ଟ ସଂପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ଅତ୍ୟାଧୁନିକ ହସ୍‌ପିଟାଲ୍ ନିର୍ମାଣ ହେବାକୁ ଯାଉଛି। ସାଂସଦଙ୍କ ପ୍ରତିଷ୍ଠିତ କିମ୍‌ସ ଭୁବନେଶ୍ୱର ଦ୍ୱାରା ଏହି ହସ୍‌ପିଟାଲ୍ ପରିଚାଳନା ହେବ। ପରେ ଏହି ହସ୍‌ପିଟାଲକୁ ୨୦୦ ଶଯ୍ୟା ବିଶିଷ୍ଟ କରାଯିବ। ଏହି ହସ୍‌ପିଟାଲ୍‌ରେ ସମସ୍ତ ପ୍ରକାର ଅତ୍ୟାଧୁନିକ ଚିକିତ୍ସା ସୁବିଧା ଓ ନିଦାନ ଉପଲବ୍ଧ ହେବ ବୋଲି ସେ ସୂଚନା ଦେଇଥିଲେ। କିସ୍-ବୌଦ୍ଧରେ ବୌଦ୍ଧ ଜିଲ୍ଲାର ୧୦୦ଜଣ ଯୁବକଯୁବତୀଙ୍କୁ ନିଯୁକ୍ତି ସୁଯୋଗ ମିଳିବାକୁ ଥିବା ବେଳେ ଉକ୍ତ ହସ୍‌ପିଟାଲ୍‌ରେ ଜିଲ୍ଲାର ୧୫୦ ଯୁବକଯୁବତୀଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। କଂଟାମାଳ ବିଧାୟକ ଶ୍ରୀ ରଣା କହିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଚ୍ୟୁତ ସାମନ୍ତ ଭଳି ଜଣେ ବ୍ୟକ୍ତିଙ୍କୁ ଆମକୁ ସାଂସଦ ଭାବେ ଦେଇଥିବାରୁ ଆମେ ମୁଖ୍ୟମନ୍ତ୍ରୀଙ୍କ ନିକଟରେ କୃତଜ୍ଞ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୩୬ ସୁଦ୍ଧା ଶ୍ରେଷ୍ଠ ଓଡ଼ିଶା ଗଠନର ଯେଉଁ ସ୍ୱପ୍ନ ଦେଖିଛନ୍ତି ତାହାକୁ ସାଂସଦ ଶ୍ରୀ ସାମନ୍ତ ଦୁଇ ପାଦ ଆଗେଇ ନେଇଛନ୍ତି ବୋଲି ସେ କହିଥିଲେ।

## ଯିବ କୃଷ୍ଣପ୍ରସାଦ ଦୁଃଖ; ଚିଲିକାରେ ନିର୍ମାଣ ହେବ ସିଗ୍ନେଚର ବ୍ରିଜ୍?



ଭୁବନେଶ୍ୱର,୧୯।୨(ପି.ଏନ): ମିଳିବ ବିପଦଜନକ ଜଳଯାତ୍ରାରୁ ମୁକ୍ତି। ପୂରଣ ହେବ ଦ୍ୱିପାଞ୍ଚଳବାସୀଙ୍କ ଦୀର୍ଘଦିନର ସ୍ୱପ୍ନ। ଆଉ ଭସାପୋଲ କିମ୍ବା ଯନ୍ତ୍ର ଚାଳିତ ଡଙ୍ଗା ଉପରେ କରିବାକୁ ପଡିବନି ଭରସା। କାରଣ ନିର୍ମାଣ ହେବ ଆଖିଦୃଶିଆ ପୋଲ। ପୁରୀ କୃଷ୍ଣପ୍ରସାଦ ବ୍ଲକ୍? ସାତପଡା ଓ ଜହ୍ନିକୁଦା ମଧ୍ୟରେ ହେବ ସଂଯୋଗୀକରଣ। ଚିଲିକାରେ ଥିବା ସାତପଡାରୁ ବରମପୁର ଦୀପ ଯାଏଁ ଏବଂ ମଏଷାରୁ ଜହ୍ନିକୁଦା ଯାଏଁ ସିଗ୍ନେଚର ବ୍ରିଜ ତିଆରି ହେବ। ଅର୍ଥାତ ଉଭୟ ବ୍ରିଜର ଲମ୍ବ ଦେ? କିଲୋମିଟର ରହିବ ଏବଂ ଏଥିରେ କୌଣସି ପିଲର୍ ରହିବ ନାହିଁ। ଏହି ବ୍ରିଜ୍ ହେଲେ ଜାତୀୟ ରାଜପଥ ୩୧୬ ଓ ୫୧୬-ଏ ମଧ୍ୟରେ ସଂଯୋଗୀକରଣ ହୋଇପାରିବ। ଏଥିସହିତ ପୁରୀ ଓ ଗଞ୍ଜାମ ମଧ୍ୟରେ ଯାତାୟତ ଆହୁରି ସୁଗମ ହେବ। ଏଥିପାଇଁ ୨୦୨୧ ମସିହାରେ ପ୍ରାରମ୍ଭିକ ଭାବେ ଏକ ଉଚଜ ପ୍ରସ୍ତୁତ କରାଯାଇଥିଲା। ୬୫୯ କୋଟିର ପ୍ରାଥମିକ ଖର୍ଚ୍ଚ ଆକଳନ କରି କେନ୍ଦ୍ର ସଡକ ଓ ପରିବହନ ମନ୍ତ୍ରୀ ନୀତୀନ ଗଡକରୀଙ୍କ ପାଖରେ ପ୍ରସ୍ତାବ ରଖାଯାଇଥିଲା। ଏହାପରେ ଗତ ୧୫ ତାରିଖରେ ଗଡକରୀ ଏ ସଂପର୍କରେ ଘୋଷଣା କରିଥିବା ବେଳେ ଏବେ ନୂଆ ଉଚଜ ପ୍ରସ୍ତୁତି ଜାରି ରହିଛି। ଆସନ୍ତା ୩ ମାସ ପରେ ଆରମ୍ଭ ହେବ ଏହି ସ୍ୱତନ୍ତ୍ର ବ୍ରିଜ୍?।








# ଟି ଟାଇମ୍

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

## ଭାଇଜାନ୍‌ଙ୍କ ଚମକ



୫୧ ବର୍ଷରେ ପାଦ ଦେଇଛନ୍ତି ଦବଙ୍ଗ ଷ୍ଟାର୍ ସଲମନ୍ ଖାଁ। କନ୍ତୁ ସଲ୍ଲୁଙ୍କ କ୍ରେଜ୍ ଏବେବି କମିନି। ବୟସ ୫୧ ଛୁଇଁଲେ ବି ତାଙ୍କର ପ୍ରତିଟି ନୂଆ ଫିଲ୍ମ ଦର୍ଶକଙ୍କୁ ଦେଇଛି ନୂଆ ଟେଷ୍ଟା ଆଉ ବକ୍ସ ଅଫିସରେ କରିଛି ନୂଆ ରେକର୍ଡ। ବୟସ ସହିତ ତାଳଦେଇ ବଢ଼ିଚାଲିଛି ଦବଙ୍ଗ୍ ଷ୍ଟାରଙ୍କ କ୍ରେଜ୍। 'ବିବି ହୋ ୟୈସି'ରୁ କ୍ୟାରିଅର୍ ଆରମ୍ଭ କରିଥିବା ସଲ୍ଲୀ ମିଆଁ ବଲିଉଡିରେ ୨୫ରୁ ଅଧିକ ବର୍ଷ ବିତାଇ ସାରିଲେଣି। ଫ୍ଲପ୍ ହିଟର ଏକ୍ସପେରିମେଣ୍ଟ କରୁକରୁ ସଲମାନ୍ ବନି ଯାଇଛନ୍ତି ବଲିଉଡର ବ୍ୟାଙ୍କବେଲ୍ ଷ୍ଟାର। ଯାହାଙ୍କୁ ନେଇ ପ୍ରଡ୍ୟୁସର କେବେ ବି ଆଶଙ୍କା ସୃଷ୍ଟି କରନ୍ତି ନାହିଁ। କାରଣ ଲଗାତର୍ ସେ ଦେଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ବ୍ଲକ ବ୍ଲଷ୍ଟର ହିଟ୍। ଛୋଟ ପରଦାରେ ତାଙ୍କ ହୋଷ୍ଟିଂ ମଧ ଖୁବ୍ ହିଟ୍ ହୋଇଛି। ଚଳିତ ବର୍ଷ ଫ୍ୟାନଙ୍କୁ 'ବଜରଙ୍ଗୀ ଭାଇଜାନ୍' ଓ 'ପ୍ରେମରତନ ଧନ ପାୟୋ' ଭଳି ଦୁଇଟି ସୁପରହିଟ୍ ଫିଲ୍ମ ଭେଟି ଦେଇଛନ୍ତି ସଲମାନ୍। ଆସନ୍ତା ବର୍ଷ ରିଲିଜ୍ ହେବାକୁ ଥିବା ସୁଲତାନ କେବେ ପରଦାକୁ ଆସୁଛି ତାହାକୁ ହିଁ ଅପେକ୍ଷା।

## ଗୋରୁଙ୍କ ଫାଟୁଆ ରୋଗ ଚିକିତ୍ସା

ଦେଶର ବିଭିନ୍ନ ସ୍ଥାନରେ ଗୋରୁଗାଈଙ୍କୁ ନୃଶଂସ ଭାବେ ହତ୍ୟା କରାଯାଉଥିବା ବେଳେ ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଉଦ୍‌ବେଗ ଓ ପ୍ରତିବାଦର ସ୍ୱର ଉତ୍ତୋଳିତ ହୋଇଛି । ଏଭଳି ପରିସ୍ଥିତିରେ ଦୁଇ ବିଦେଶୀ ନାଗରିକ କଷ୍ଟ ଲାଘବ ଗୋରୁଗାଇଁଙ୍କ ପାଇଁ ଜୋତା ତିଆରି କରବା ବାସ୍ତବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଘଟଣାଟି ହେଉଛି ଦୁଇ ବ୍ରିଟିଶ ଇନ୍‌ଭେଷ୍ଟର ନିଜ ବ୍ୟବସାୟକୁ ବିଶ୍ୱସ୍ତରରେ ପ୍ରସାର କରିବା ଉଦ୍ଦେଶ୍ୟରେ ଗୋରୁଗାଈଙ୍କ ପାଇଁ ଜୋତା ତିଆରି କରୁଛନ୍ତ । ଯାହାଫଳରେ ଗୋରୁଗାଈଙ୍କୁ ଖୋରାଜନିତ ଯନ୍ତ୍ରଣାରୁ ଉପସମ ମିଳିବ । ୪୦ବର୍ଷୀୟ ରୋବର୍ଟ ଟାଡ୍ ଓ ୪୩ବର୍ଷୀୟ ମାଇକ ବ୍ରିମ୍ବଲ ମିଳିତଭାବେ ଏହି ଜୋତା ପ୍ରସ୍ତୁତ କରୁଛନ୍ତି । ଏହି ଜୋତାକୁ ୪୨ଟି ଦେଶରେ ବିକ୍ରି ପାଇଁ ଛଡ଼ାଯାଇଛି । ଏହି ଦେଶମାନଙ୍କ ମଧ୍ୟରେ ଅଷ୍ଟ୍ରେଲିଆ, କାନାଡ଼ା ଓ ୟୁଏସ୍‌ଏ ସାମିଲ ରହିଛି । ପ୍ରୋଜେକ୍ଟ ମ୍ୟାନେଜର ମାଇକ୍ କହନ୍ତି, ତାଙ୍କର ଏହି ନିଆରା ଉଦ୍ୟମକୁ କେତେକ ଦେଶରେ ବେଶ୍ ପ୍ରଶଂସା କରାଯାଇଛି । ବିଶେଷକରି ୟୁରୋପର ଏକ ପ୍ରାଣୀ ଚିକିତ୍ସାଳୟରୁ ମାଇକଙ୍କ ପାଖକୁ ଶୁଭେଚ୍ଛା ବାର୍ତ୍ତା ମଧ ଆସିଛି । ଆଉ କିଛି ବ୍ୟକ୍ତି ଏହି ଜୋତା ବ୍ୟବସାୟ ପାଇଁ ଆଗ୍ରହ ପ୍ରକାଶ କରି ଲାଇସେନ୍ସ ବାହାର କରିବାରେ ଲାଗିପଡ଼ିଛନ୍ତି । ମାଇକ ପେସାରେ ଜଣେ କୃଷକ । କୃଷିକ୍ଷେତ୍ରରେ କାମକରୁଥିବା ସମୟରେ ହଳକରୁଥିବା ଦୁଇ ବଳଦଙ୍କ ଖୋରାରୁ ରକ୍ତ ବାହାରୁଥିବା ଦେଖି ମାଇକ୍ ସେମାନଙ୍କ ପାଇଁ ଜୋତା ତିଆରି କରିବାର ପରିକଳ୍ପନା କରିଥିଲେ ଯାହାକୁ ସେ ଆଜି ବାସ୍ତବ ରୂପ ଦେଇଛନ୍ତି।



# ପୁରାଣ କାହାଣୀ

## ବିଶ୍ୱ ନିର୍ମାଣର ସ୍ରଷ୍ଟା 'ବିଶ୍ୱକର୍ମା'



ଦେବ ଶିଳ୍ପୀ ବିଶ୍ୱକର୍ମା ଏ ବିଶ୍ୱର ସମସ୍ତ ନିର୍ମାଣ କାର୍ଯ୍ୟର ସ୍ରଷ୍ଟା । ସେ ବ୍ରହ୍ମାଙ୍କ ନାଭି ମଣ୍ଡଳରୁ ଜାତ ବୋଲି ଧର୍ମ ଶାସ୍ତ୍ରମାନଙ୍କରେ ଉଲ୍ଲେଖ ରହିଛି । ସେ କନ୍ୟା ସଂକ୍ରାନ୍ତି ଦିନ ମର୍ତ୍ତ୍ୟ ଲୋକରେ ଆବିର୍ଭୁତ ହୋଇଥିବାରୁ ସେହିଦିନ ମର୍ତ୍ତ୍ୟଲୋକର ସମସ୍ତ ଶିଳ୍ପୀକୂଳ ତାଙ୍କରି ପୂଜା ଏବଂ ଆରାଧନା କରି ଥାଆନ୍ତି ।

ବିଶ୍ୱକର୍ମା ବିଶ୍ୱର ବିଧାଣୀ । ସେ ବୈକୁଣ୍ଠବାସୀ ଓ ସର୍ବଗୁଣ ସମ୍ପନ୍ନ । ସର୍ବଶକ୍ତିମାନ, ସର୍ବନିୟନ୍ତା, ବାୟରୂପେ ସର୍ବବିଦ୍ୟମାନ, ବାସ୍ତୁବିଦ୍ୟାର ଦେବତା ଏବଂ ନିର୍ମାଣ କାର୍ଯ୍ୟର ଦଣ୍ଡଧାରୀ ଦେବତା । ବ୍ରହ୍ମବୈବର୍ତ୍ତ ପୁରାଣରେ ବ୍ରହ୍ମାଙ୍କ ନାଭିରୁ ଜାତ, ପୁରାଣରେ ସେ ଦେବ ଶିଳ୍ପୀ । ଏମିତି ଭିନ୍ନ ଭିନ୍ନ ନାମରେ ସେ ପରିଚିତ । ତାଙ୍କରି ହାତ ସ୍ପର୍ଶରେ କୁବେରଙ୍କର ଅଳକାପୁର, ଦ୍ୱାରକା ନଗର, ସ୍ୱର୍ଣ୍ଣଲଙ୍କା, କୃଷ୍ଣ ନିବାସ, ସେତୁ ବନ୍ଧ ନିର୍ମାଣ, ଇନ୍ଦ୍ରଭୁବନ, ଗୋଲକଧାମ, ସୁଦାମା ପୁରୀ, ମହାଲକ୍ଷ୍ମୀଙ୍କ ସମୁଦ୍ରକୂଳସ୍ଥ ମର୍ତ୍ତ୍ୟ ବୈକୁଣ୍ଠ, କଳାକାରଖାନା, ମଠ ମନ୍ଦିର, ମସଜିଦ, ଗାଡିମଟର, ଉଡାଜାହାଜ, ଛପାଖାନା, ରେଳ ଗାଡି, ଟିଭି, ରେଡିଓ, କମ୍ପ୍ୟୁଟର ଆଦି ।ଆମ ଚାରିପଟେ ଦେଖୁଥିବା ତିନିପୁରର ସମସ୍ତ ନିର୍ମାଣ ମଣିଷ କିଛି କରେ ନାହିଁ । ମଣିଷ ଦେହରେ ବିଜେ ହୋଇ ସେ ହିଁ ସବୁ କରି ଥାଆନ୍ତି । ଅନେକଙ୍କ ମତରେ କୃଷି ଓ ବୃଷ୍ଟିର ଦେବତା ହେଉଛନ୍ତି ବିଶ୍ୱକର୍ମା । ବିଶ୍ୱକର୍ମା ଉଭୟ ବୈଦିକ ଓ ପୌରାଣିକ ଦେବତା । ଆଧୁନିକ ରୂପରେ ସେ ରୂପରେ ଗୌର । ହସ୍ତରେ ବିଭିନ୍ନ ମାନଦଣ୍ଡ, ଚାରି ଭୂଜା ବାମ ଉପର ହସ୍ତରେ ବଟାଳି, ନିମ୍ନହସ୍ତରେ ମାର୍ତୁଲ ବା ନିକିତି, ଦକ୍ଷିଣ ଉର ହସ୍ତରେ ଚକ୍ର ଧାରଣ କରି ପୂଜା ପାଉଛନ୍ତି । ଶ୍ୱେତ ବସ୍ତ୍ର ପରିଧାନ କରିବା ସହ କାନ୍ଧରେ ପଇତା ପକାଇ ଭକ୍ତଙ୍କୁ ଦର୍ଶନ ଦିଅନ୍ତି । ତେଣୁ ବିଭିନ୍ନ ଶିଳ୍ପ ସଂସ୍ଥାରେ ଏହି ବିଶ୍ୱକର୍ମାଙ୍କ ପୂଜା ଧୂମଧାମରେ ପାଳନ କରାଯାଏ ।

## ବିଲେଇ ଶାଳା



ଯଦି ଏହି ପୃଥିବୀରେ ବିଲେଇମାନଙ୍କ ପାଇଁ କେଉଁଠି ସ୍ୱର୍ଗଥାଏ ତେବେ ତାହା ହେଉଛି କାଲିଫର୍ଣ୍ଣିଆ। ଦି କ୍ୟାଟ୍ ହାଉସ୍ ଅନ୍ ଦି କିଙ୍ଗସ୍ ନାମରେ ପ୍ରସିଦ୍ଧ ଏକ ଘରେ ବର୍ତ୍ତମାନ ୭୦୦ ବିଲେଇ ବାସ କରନ୍ତି। ବିଲେଇମାନଙ୍କ ରହିବା ପାଇଁ ସେଠାରେ ୯ଟି ଭିନ୍ନ ଭିନ୍ନ ସ୍ଥାନ ତିଆରି କରାଯାଇଛି। ଏହାକୁ ବିଶ୍ୱର ସବୁଠାରୁ ବଡ ବିଲେଇ ଅଭ୍ୟାରଣ୍ୟ ବୋଲି କୁହାଯାଏ। ଏହି ଘରର ନିର୍ମାଣ ୧୯୯୨ରେ କରାଯାଇଥିଲା, ସେହିଦିନଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରାୟ ୨୪ ହଜାର ବିଲେଇଙ୍କୁ ଏଠାରେ ପୋଷା ଯାଇସାରିଲାଣି। ଏହି ବିଲେଇ ଘରର ନିର୍ମାଣ ଲିନିୟା ଲତାଞ୍ଜିୟୋ କରିଥିଲେ। ଲିନିୟା କୁହନ୍ତି, ମୁଁ ଚାହୁଁନି ଯେ, କୌଣସି ବିଲେଇ ପିଞ୍ଜରାରେ କଏଦ୍ ହୋଇ ରୁହନ୍ତୁ। ସେମାନଙ୍କୁ ଖୁବ୍ ଜୋର୍‌ରେ ଦୌଡିବା ଏବଂ ଗଛ ଉପରେ ଚଢ଼ିବା ଅଧିକାର ଅଛି। ଏହି କାରଣ ଯୋଗୁଁ ମୁଁ ଏହି ଅଭ୍ୟାରଣ୍ୟର ନିର୍ମାଣ କରିଥିଲି। ସେ କୁହନ୍ତି ମୁଁ ପ୍ରତିଦିନ ଏଭଳି ବିଲେଇଙ୍କୁ ଖୋଜେ, ଯାହାକୁ ଲୋକେ ଛାଡି ଦେଇଥାଆନ୍ତି। ସେମାନଙ୍କୁ ମୁଁ ମୋର ଏହି ଘରକୁ ଆଣେ। ଏହି ବିଲେଇ ଅଭ୍ୟାରଣ୍ୟର ଫଟୋକୁ ଫଟୋଗ୍ରାଫର କ୍ରିଷ୍ଟିନା ଗେଣ୍ଡଲ୍ଲୋ ଉଠାଇଛନ୍ତି, ଯିଏକି ଲାସ୍ ଏଞ୍ଜୋଲିସ୍‌ରେ ବାସ କରନ୍ତି। ସେ କୁହନ୍ତି, ମୁଁ ଏହି ଫଟୋ ଜରିଆରେ ଲିନିୟା ଏବଂ ତାଙ୍କ ଦଳର ସଦସ୍ୟ କିଭଳି ପରିଶ୍ରମ କରୁଛନ୍ତି ତାହା ଜଣାଇବା ପାଇଁ ଚେଷ୍ଟା କରିଛି।

## ଫଟୋସପ୍‌ର କମାଲ୍

ଥିଓଡର। ତା'ବୟସ ମାତ୍ର ୧୦ ମାସ। ଏତେ କମ୍ ବୟସରେ ସେ ଚିତା ବାଘ ଉପରେ ବସି ମସ୍ତି କରେ ତ ଆଉ କେତେ ବେଳେ ହାତୀର ଶୁଣ୍ଢ ସହ ଖେଳେ। କେତେବେଳେ ଭାଲୁ ସହ ଶୋଇଯାଏ ତ ଆଉ କେତେବେଳେ ସିଲ୍ ମାଛ ସହ ତାଳରେ ତାଳ ମିଶାଇ ଗୀତ ଗାଏ। ଆପଣମାନେ ଭାବୁଥିବେ ଏତେ କମ୍ ବୟସ୍କ ଛୁଆଟି ଏଭଳି ଭୟାନକ ପଶୁଙ୍କ ସହ କିଳଭି ଖେଳିପାରେ। ପ୍ରକୃତରେ ଏହା ହେଉଛି ଫଟୋସପ୍‌ର କମାଲ୍। ଅଷ୍ଟ୍ରିୟାରେ ବାସ କରୁଥିବା ଡେନିଏଲା ବେବିକ୍ ନିଜ ଫଟୋଗ୍ରାଫିର ସଉକ୍‌କୁ ପୂରଣ କରିବା ପାଇଁ ଏକ୍ସପେରିମେଣ୍ଟ କରୁକରୁ ଏଭଳି ଫଟୋ ପ୍ରସ୍ତୁତ କରିଛନ୍ତି, ଯାହାକୁ ଦେଖି ଲୋକେ ଚକିତ ହୋଇଯିବେ। ସୂଚନା ଯୋଗ୍ୟ ଯେ, ଡେନିଏଲ୍‌ଙ୍କୁ ଫଟୋଗ୍ରାଫି ଏବଂ ଫଟୋସପ୍‌ରେ କାମ କରିବା ଦ୍ୱାରା ଆନନ୍ଦ ମିଳେ। ସେ ସର୍ବଦା କିଛି ନୂଆ କରିବାରେ ବିଶ୍ୱାସ କରନ୍ତି।

## ଦି ଇଣ୍ଟରଭ୍ୟୁ ଟାଇମ୍ସର ୮ମ ବାର୍ଷିକ ଉତ୍ସବ ପାଳିତ

ଭୁବନେଶ୍ୱର : ରାଜ୍ୟର ଅଗ୍ରଣୀ ମାସିକ ପତ୍ରିକା "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ୮ମ ବାର୍ଷିକ ଉତ୍ସବ ହୋଟେଲ୍ ସ୍ୱସ୍ତି ପ୍ରିମିୟମ୍, ଭୁବନେଶ୍ୱରଠାରେ ଅନୁଷ୍ଠିତ ହୋଇଯାଇଅଛି । "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସମ୍ପାଦକ ଦିବ୍ୟଜିତ୍ ସାହୁଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମକୁ ରଣେନ୍ଦ୍ର ପ୍ରତାପ ସ୍ୱାଇଁ (ଖାଦ୍ୟ ଯୋଗାଣ ମନ୍ତ୍ରୀ), ଡଃ ଅରୁଣ କୁମାର ସାହୁ (କୃଷି ମନ୍ତ୍ରୀ) ଉଦ୍‌ଘାଟନ କରିଥିଲେ । ମୁଖ୍ୟଅତିଥି ଭାବେ ଜଷ୍ଟିସ୍ ମଦନ ମୋହନ ଦାସ (ବିଚାରପତି), ଶ୍ରୀଯୁକ୍ତ ତାରାରଂଜନ ପଟ୍ଟନାୟକ (ପ୍ରତିଷ୍ଠାତା-ଫାଲ୍‌କନ୍ ମେରାଇନ୍) ଏବଂ ରାକେଶ ମୋହନ (ବେଦାନ୍ତ ଲିମିଟେଡ୍) ଯୋଗ ଦେଇଥିଲେ । ଏହି ଅବସରରେ ଅତିଥିମାନେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ପ୍ରୟାସକୁ ସାଧୁବାଦ୍ ଜଣାଇବା ସହ ସଫଳତା କାମନା କରିଥିଲେ । ମଞ୍ଚସଭା ପରେ ପରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ୨୦ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ "ଦି ଇଣ୍ଟରଭ୍ୟୁ ଟାଇମ୍ସ" ପରିବାର ତରଫରୁ ସମ୍ମାନଜନକ "ଶ୍ରେଷ୍ଠ-୨୦ ଓଡ଼ିଶାର ପ୍ରେରଣାଦାୟୀ ବ୍ୟକ୍ତି" ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ସ୍ୱତନ୍ତ୍ର ସଂଖ୍ୟା "ଭିଜନ୍ ଅଫ୍ ଓଡ଼ିଶା-୨୦୧୯" ଉନ୍ମୋଚିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ "ଦି ଇଣ୍ଟରଭ୍ୟୁ ଟାଇମ୍ସ"ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦିଲୀପ କୁମାର ମହାନ୍ତି ଏବଂ ଉପଦେଷ୍ଟା ସୁଚିସ୍ମିତା ପୃଷ୍ଟି ଉପସ୍ଥିତ ଥିଲେ । ପରିଶେଷରେ ସହ-ସମ୍ପାଦକ ଶୁଭୋଜିତ୍ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଫିନାଇଲ ବ୍ୟବହାର କରୁଛନ୍ତି କି ?




ଫିନାଇଲିରେ ଏମିତି କିଛି ବିଷାକ୍ତ ପଦାର୍ଥ ମିଶିଛି ଯାହା ଆମ ଶରୀରରେ ସ୍ଲୋପଜଏଜ ଭଳି କାମ କରିଥାଏ। ବହୁ ଅଧ୍ୟୟନରୁ ଜଣାପଡିଛି ଯେ, ସଫା କରିବା ପାଇଁ ବ୍ୟବହୃତ ହେଉଥିବା ଫିନରାଇଲରେ ବହୁତ କ୍ଷତିକାର ତତ୍ତ୍ୱ ମିଶିକରି ରହିଥାଏ। ଫିନାଇଲିରେ ରହିଥାଏ ଶକ୍ତିଶାଳୀ ଫିନେଲ, ଯାହା ରୋଗାଣୁରୋଧକ ଏବଂ କୀଟାଣୁନାଶକ କାମ କରିଥାଏ। ଯେତେବେଳେ ଏହାକୁ ଲାଟିନ୍ କିମ୍ବା ବାଥ୍‌ରୁମ୍ ସଫାକରିବା ପାଇଁ ବ୍ୟବହାର କରାଯାଏ ତ ଏଥିରେ ଥିବା କେମିକାଲ ବହୁତ ସମୟ ଧରି ନିଶ୍ୱାସ ପ୍ରଶ୍ୱାସରେ ନେଲେ ବହୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଯଥା ପେଟ, ଅନ୍ତ, ଲିଭର, କିଡନୀ ଏବଂ ହାର୍ଟକୁ କ୍ଷତି ପହଞ୍ଚାଇଥାଏ। ବେଳେ ବେଳେ ଏହାର ପରିମାଣ ଖୁବ ଭୟଙ୍କର ହୋଇଥାଏ। ସମୟ ପୂର୍ବରୁ ଯଦି ଏହାର ଚିକିତ୍ସା ନକରାଯାଏ ତ ସ୍ଥିତି ଗମ୍ଭୀର ହୋଇପାରେ। ଫିନାଇଲ ଆଖି ଏବଂ ତ୍ୱଚା ସଂସ୍ପର୍ଶରେ ଆସିଲେ ଜଳାପୋଡା ହେବା ସହ ଏହାର ଅଧିକ ବ୍ୟବହାର ଦୃଷ୍ଟିଶକ୍ତି ଚାଲିଯବାର ବହୁ ସମ୍ଭାବନା ରହିଛି। ଠିକ୍ ସେହିଭଳି ଏହା ନିଶ୍ୱାସ ମାଧ୍ୟମରେ ଭିତରକୁ ଚାଲିଯାଏ ତ ନାକ, ଗଳା ଏବଂ ଫୁସ୍‌ଫୁସ୍‌ର ଭିତର ଅଂଶ ଜଳାପୋଡା ହୋଇପାରେ। ଫିନାଇଲକୁ ନେଇ ଆମର ମସ୍ତିଷ୍କ ଖୁବ୍ ସମ୍ବେଦନଶୀଳ। ଫିନାଇଲ୍ ଦ୍ୱାରା ହୃଦଘାତ ଏବଂ କୋମାକୁ ଚାଲିଯିବାର ସମ୍ଭାବନା ରହିଛି।

## ଏବେ ଇ-ଟୁଥବ୍ରସ୍

ଲୋକମାନଙ୍କର ବଞ୍ଚିବା ଷ୍ଟାଇଲ ଯଦି ସ୍ମାର୍ଟ, ସେମାନେ ବ୍ୟବହାର କରୁଥିବା ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଯେପରି ମୋବାଇଲ, କମ୍ପୁଟର ଆଦି ସ୍ମାର୍ଟ ତେବେ ଏଥିରୁ ଟୁଥବ୍ରସ୍ ବା କାହିଁକି ବାଦ ପଡ଼ିବ। ଟୁଥବ୍ରସ୍‌ର କେତେକ କମ୍ପାନୀ ଏବେ ଇ-ଟୁଥବ୍ରସ୍ ବନାଇବାକୁ ଯୋଜନା କରୁଛନ୍ତି। ଏହି ଇ-



ଟୁଥବ୍ରସ୍ ଆପଣଙ୍କ ଦାନ୍ତକୁ ସଫା କରିବା ସହିତ ନୋଟ୍ କରିଥାଏ କି ଆପଣଙ୍କର ଦାନ୍ତ କେତେ ସଫାସୁତୁରା ଅଛି। ସେହି ଡାଟାକୁ ଏକ ଖାସ୍ ଆପ ସାହାଯ୍ୟରେ ଆପଣଙ୍କର ସ୍ମାର୍ଟ ଫୋନ୍ ଓ ଆଇଫୋନ୍‌କୁ ପଠାଇଥାଏ। ଏହି ଆପ ସାହାଯ୍ୟରେ ଆପଣ ଜାଣି ପାରିବେ ଯେ ଆପଣଙ୍କର ବ୍ରସ୍ କରିବା ଷ୍ଟାଇଲରେ ଦାନ୍ତ ଠିକ୍ ଭାବେ ସଫା ହେଉଛି ନା ନାହିଁ ଓ ବ୍ରସ୍ କରିବା ଫଳରେ ଆପନଙ୍କ ଦାନ୍ତ ମାଢ଼ି ର କୌଣସି କ୍ଷତି ହେଉନାହିଁ ତ। ପ୍ରତିଦିନର ବ୍ରସ୍ କରିବା ପରେ ସେହି ବ୍ରସ୍ ଦାନ୍ତର ସୁସ୍ଥତା ଓ ଦାନ୍ତ ସଫା ହୋଇଛି ନା ନାହିଁ ନିୟମିତ ସୂଚନା ଦେଇଥାଏ। ଏହା ବ୍ୟତୀତ ଏହି ସ୍ମାର୍ଟ ଟୁଥବ୍ରସ୍ ଦାନ୍ତକୁ ସଠିକ୍ ଭାବେ ସଫା କରିବାର ପ୍ରକ୍ରିୟା ମଧ ବତାଇଦେବ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

୨୬ ବର୍ଷରେ

Bhubaneswar Tuesday February 20, 2024 ଭୁବନେଶ୍ୱର ମଙ୍ଗଳବାର , ଫେବୃଆରୀ ୨୦,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ସନ୍ଥ ଭକ୍ତଚ଼ରଣ ପୁସ୍ତକ ଓ଼ ପଲିଶ୍ରୀମେଳାର ତୃତୀୟ ଦିବସ ପାଳିତ





ରାଜସୁନାଖଳା /ରଣପୁର/ବୋଲଗଡ଼, (ପି.ଏନ): ସାହିତ୍ୟ,ସଂସ୍କୃତି ପରମ୍ପରା ଶାନ୍ତି, ମୈତ୍ରୀ,ପ୍ରଗତି, ବ୍ୟବସାୟୀକ ପେଣ୍ଠ ଓ଼ ରାଜସୁନାଖଳା ପୁସ୍ତକ ଓ଼ ପଲିଶ୍ରୀମେଳା ମଙ୍ଗଳବାର ଦିନ ଉଦଘାଟିତ ହୋଇଯାଇଅଛି ! ଏହି କାର୍ଯ୍ୟକ୍ରମରେ ଏହି କାର୍ଯ୍ୟକ୍ରମକୁ ଭକ୍ତଚ଼ରଣ ବିନାୟକ ଯୁବକ ସଙ୍ଘ ଓ଼ ମା, ବେଢାକାଳକ୍ଷକା ଯୁବକ ସଙ୍ଘ ଓ଼ ସନ୍ଥ ଭକ୍ତଚ଼ରଣ ପୁସ୍ତକ ଓ଼ ପଲିଶ୍ରୀମେଳା କମିଟି ସଭାପତି ଚ଼ିତ୍ତରଞ୍ଜନ ପ୍ରଧାନଙ୍କ ମିଳିତ ଆବାହକତ୍ୱରେ ରାଜସୁନାଖଳା ଯାତ୍ରା ପଡିଆରେ ସନ୍ଥ ଭକ୍ତ ଚ଼ରଣ ପୁସ୍ତକ ଓ ପଲିଶ୍ରୀ ମେଳା ଆୟୋଜିତ ହୋଇଛି ଏହି ମେଳା ୧୩/୨/୨୪ ତାରିଖ ଠାରୁ ୧୭/୨/୨୪ ପର୍ଯ୍ୟନ୍ତ ୦ଦିନ ଧରି ଧୂମଧାମରେ ପାଳିତ ହେବ । ଏହି ସନ୍ଥ ଭକ୍ତଚ଼ରଣ ପୁସ୍ତକ ଓ଼ ପଲିଶ୍ରୀମେଳାରେ ମୁଖ୍ୟଅତିଥିଭାବେ ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ସାଂସଦ ତଥା ପୂର୍ବତନ ଜାତୀୟ ସାଧାରଣ ସମ୍ପାଦକ, ଅଖିଳ ଭାରତୀୟ କଂଗ୍ରେସ କମିଟି,ରାମଚ଼ନ୍ଦ୍ର ଖୁଣ୍ଟିଆ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ଦୈନିକ ଖବରକାଗଜ ପର୍ଯ୍ୟବେକ୍ଷକ ଓ ଦି କଳିଙ୍ଗ କ୍ରୋନିକିଲ ର ସମ୍ପାଦକ ଡ଼ଃ ପବିତ୍ର ମୋହନ ସାମନ୍ତରାୟ,ପୂର୍ବତନ ପିସିସି ସମ୍ପାଦକ ତଥା ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ଜାତୀୟ ସଂଗଠନ ସମ୍ପାଦକ ସତ୍ୟବ୍ରତ ନାୟକ, ସମାଜସେବୀ ଡ଼. ବନ୍ଦନା ହରିଚ଼ନ୍ଦନ ଓ ଯୁବ ଆଇନଜୀବି ରାଜୀବ ଲୋଚ଼ନ ପ୍ରଧାନ ପ୍ରମୁଖ ଯୋଗଦେଇ ଥିବାବେଳେ କମିଟିର ସଭାପତି ତଥା ରାଜସୁନାଖଳା ପଂଚ଼ାୟତର ଯୁବ ସରପଂଚ଼ ଚ଼ିତ୍ତରଞ୍ଜନ ପ୍ରଧାନ ସଭାପତିତ୍ୱ କରିଥିଲେ । ସଭା ପୂର୍ବରୁ ଆଖପାଖ ଅଞ୍ଚଳରୁ କୁନି ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନ କରଯାଇଥିଲା ଓ ସେମାନଙ୍କୁ କମିଟି ତରଫରୁ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା। ଉଚ୍ଚ଼ କୋଟୀର ନୃତ୍ୟ ଦର୍ଶକମାନଙ୍କ ମନ ମୋହିତ କରିଥିଲା। ଉପସ୍ଥିତ ଅତିଥି ମନେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପୁଷ୍ପ ଧୂପ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ। କମିଟିର ଉପସଭାପତି ବଲ୍ଲଭ ପ୍ରଧାନ ମଂଚ଼ ପରିଚ଼ାଳନା କରିବା ସହ ଅତିଥି ମାନଙ୍କ ପରିଚ଼ୟ ପ୍ରଦାନ କରିଥିଲେ। ସଭା ଆରମ୍ଭରୁ ଉତ୍କଳ ସଙ୍ଗୀତ ଗାନ କରାଯାଇ ଥିଲା। ରାଜ ସୁନାଖଳାର ବିନାୟକ ଯୁବକ ସଂଘ ଓ ବେଢାକାଳିକା ଯୁବକ ସଂଘ ର ସଦସ୍ୟ ମାନଙ୍କ ମିଳିତ ସହଯୋଗରେ ସନ୍ଥ ଭକ୍ତଚ଼ରଣ ପୁସ୍ତକ ଓ ପଲିଶ୍ରୀ ମେଳା ମାତ୍ର ଏକ ମାସର ଚ଼ିନ୍ତା ଧାରାରେ ପ୍ରଥମ ଥର ପାଇଁ ଆରମ୍ଭ ହୋଇଥିବା ସଂପାଦକୀୟ ବିବରଣୀ ରେ କମିଟିର ସଂପାଦକ ସୂର୍ଯ୍ୟକାନ୍ତ ମିଶ୍ର ଆଲୋକ ପାତ କରିଥିଲେ। ବିଭିନ୍ନ ପ୍ରକାରର ଖାଦ୍ୟ ଷ୍ଟଲ, ମିନା ବଜାର, ପୁସ୍ତକ ଷ୍ଟଲ ଓ ଅନ୍ୟାନ୍ୟ ଦୋକାନ ଗୁଡ଼ିକ ପଲିଶ୍ରୀ ମେଳାର ସୌନ୍ଦର୍ଯ୍ୟ ବୃଦ୍ଧି କରିଥିବା ଜଣା ପଡିଛି।

## ୨୦ ଫେବୃଆରୀ ୨୦୨୪ (ମଙ୍ଗଳବାର) ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଓଡିଶା ଗସ୍ତ



ଭୁବନେଶ୍ୱର,(ପି.ଏନ): ମାନ୍ୟବର ରେଳ, ଯୋଗାଯୋଗ ଏବଂ ଇଲେକ୍‌ଟ୍ରୋନିକ୍ସ ଓ ସୂଚ଼ନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ୨୦ ଫେବୃଆରୀ ୨୦୨୪ (ମଙ୍ଗଳବାର) ଦିନ ଓଡିଶା ଗସ୍ତ କରିବେ । ଏହି ଗସ୍ତ ସମୟରେ ସେ ରେଳବାଇ କାର୍ଯ୍ୟକ୍ରମରେ ଯୋଗଦେବା ସହିତ ଆଭାସୀ (ଭିଡିଓ କନଫରେନସିଂ) ମାଧ୍ୟମରେ ଡାକ ବିଭାଗର ନିର୍ଦ୍ଧାରିତ କାର୍ଯ୍ୟକ୍ରମରେ ଯୋଗଦେବେ । ମାନ୍ୟବର କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ବୁର୍ଲା। ସ୍ଥିତ ସମ୍ବଲପୁର ବିଶ୍ୱବିଦ୍ୟାଳୟ ର ବିଜୁ ପଟ୍ଟନାୟକ ଅଡିଟୋରିୟମ ଠାରେ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିବେ ।ଉଭୟ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ଓ ଶ୍ରୀ ବୈଷ୍ଣବ ଅପରାହ୍ନ ୦୨ ଘ. ୩୦ ମି. ସମୟରେ ଓଡ଼ିଶାର କିମ୍ବଦନ୍ତୀ କବି ତଥା ପଶ୍ଚିମ ଓଡିଶାର ସାଂସ୍କୃତିକ ଐତିହ୍ୟ ଉପରେ ସ୍ମରଣୀୟ ଡାକ ଷ୍ଟାମ୍ପ ଉନ୍‌ମୋଚ଼ନ କରିବେ । ସେହିଭଳି ସମ୍ବଲପୁର, ବରଗଡ, ଦେଓଗଡ, ଝାରସୁଗୁଡା ଏବଂ ସୁନ୍ଦରଗଡ ଡିଭିଜନର ୪୨ ଟି ଶାଖା ପୋଷ୍ଟ ଅଫିସ ମଧ୍ୟ ଏହି ଅବସରରେ ଉନ୍‌ମୋଚ଼ନ କରାଯିବ ।ଶ୍ରୀ ବୈଷ୍ଣବ ଅପରାହ୍ନ ୦୩ ଘ. ୩୦ ମି. ସମୟରେ ପୂର୍ବତଟ ରେଳପଥର ମୁଖ୍ୟାଳୟ ଠାରେ ରେଳପଥର କାର୍ଯ୍ୟଦକ୍ଷତା ବିଶେଷ ଭାବେ ପ୍ରକଳ୍ପ, ଟ୍ରାଫିକ୍ ସୁବିଧା ଏବଂ ଭିତ୍ତିଭୂମି ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ସମୀକ୍ଷା କରିବେ । ଏହା ପରେ ଶ୍ରୀ ବୈଷ୍ଣବ ଭୁବନେଶ୍ୱରରେ କିଛି ସ୍ଥାନୀୟ କାର୍ଯ୍ୟକ୍ରମରେ ଯୋଗଦେବେ ଏବଂ ସନ୍ଧ୍ୟାରେ ଦିଲ୍ଲୀ ଫେରି ଯିବେ ।

## ଦିଲ୍ଲୀ ର ହାଉଜଖାସ ଜଗନ୍ନାଥ ମନ୍ଦିର ର ପ୍ରତିଷ୍ଠା ଦିବସ ପାଳନ



ନୂଆଦିଲ୍ଲୀ,(ପି.ଏନ): ନୂଆଦିଲ୍ଲୀର ହାଉଜଖାସ ସ୍ଥିତ ଜାତୀୟ ରାଜଧାନୀ କ୍ଷେତ୍ରର ପ୍ରମୁଖ ଜଗନ୍ନାଥ ମନ୍ଦିର ର ୪୬ତମ ପ୍ରତିଷ୍ଠା ଦିବସ ମହାସମାରୋହ ରେ ପାଳନ କରାଯାଇଛି ।ତିନିଦିନ ଧରି ଅନୁଷ୍ଠିତ ଏହି ମହୋତ୍ସବ ରେ ସହସ୍ରାଧିକ ଓଡ଼ିଆ ଓ ଅଣଓଡ଼ିଆ ଭକ୍ତ ସେମାନଙ୍କର ପରିବାର ବର୍ଗ, ବନ୍ଧୁବାନ୍ଧବ ଓ ପରିଜନଙ୍କ ସହିତ ସାମିଲ ହୋଇଥିବାର ଦେଖା ଯାଇଥିଲା ।ଏହି ଉପଲକ୍ଷେ ମନ୍ଦିର ର ପରିସରକୁ ଖୁବ ଭବ୍ୟ ଢଙ୍ଗରେ ରଙ୍ଗବେରଙ୍ଗ ର ଫୁଲ ଏବଂ ନାନା କିସମର ଆଲୋକମାଳାରେ ସଜ୍ଜା ଯାଇଥିଲା ।ତିନିଦିନର ପ୍ରତିଷ୍ଠା ଉତ୍ସବ, ଗତ ୧୨ ତାରିଖ ସନ୍ଧ୍ୟାରେ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରୁ ଆରମ୍ଭ ହୋଇ ୧୪ତାରିଖ ରେ ସରସ୍ୱତୀ ପୂଜାର ଶୁଭ ଅବସରରେ ସମାପ୍ତ ଘଟିଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ଏହି ଦିବ୍ୟ ମନ୍ଦିର ର ସଂସ୍ଥାପନା ୧୯୭୯ ମସିହାର ସରସ୍ୱତୀ ପୂଜା ତିଥିରେ ହୋଇଥିଲା। ଗତ ୧୪ ତାରିଖ ବସନ୍ତ ପଞ୍ଚମୀ ର ଶୁଭ ଦିନରେ ପ୍ରତିଷ୍ଠା ଦିବସ ର ମୁଖ୍ୟ ଉତ୍ସବ ବୈଦିକ ନୀତି କ୍ରମେ ସମ୍ପନ୍ନ କରାଯାଇଥିଲା। ସେଦିନ ସକାଳ ୧୦ଟା ସମୟରେ ମନ୍ଦିର ର ରତ୍ନ ସିଂହାସନରେ ବିରାଜମାନ ଚାରିଠାକୁର ଜଗତର ନାଥ ଶ୍ରୀଜଗନ୍ନାଥ, ବଡଭାଇ ଶ୍ରୀବଳଭଦ୍ର,ଦେବୀ ସୁଭଦ୍ରା ଓ ପ୍ରଭୁ ସୁଦର୍ଶନ ଙ୍କର ପୂଜାର୍ଚ୍ଚନା ଓ ନୀତିକାନ୍ତି ବିଧି ମୁତାବକ ଅନୁଷ୍ଠିତ ହୋଇଥିଲା ।ଉପସ୍ଥିତ ଶ୍ରଦ୍ଧାଳୁ ମାନଙ୍କ ଦ୍ୱାରା ଶଙ୍ଖ, ଘଣ୍ଟ, କରତାଳ, ମୃଦଳ, ଝାଞ୍ଜ ଓ ମୃଦଙ୍ଗ ବାଜଣାର ଘନ ଘନ ନାଦ ତଥା ହରିବୋଲ, ହୁଳହୁଳି ଏବଂ ଜୟ ଜଗନ୍ନାଥ ଧ୍ୱନୀରେ ସମଗ୍ର ଗଗନ ପବନ ପ୍ରକମ୍ପିତ ହୋଇ ଉଠିଥିଲା। ମଧ୍ୟାହ୍ନ ୧୧ଟା ସମୟରେ ମନ୍ଦିର ସମ୍ମୁଖରେ ହୋମଯଜ୍ଞ ଆରମ୍ଭ କରାଯାଇଥିଲା। ଅପରାହ୍ନ ୪ଟା ବେଳେ ନାମଯଜ୍ଞର ପୂର୍ଣ୍ଣାହୁତି ଦିଆ ଯାଇଥିଲା ।ଏଠାରେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ବିଧାୟକ ସୋମନାଥ ଭାରତୀ ଯୋଗ ଦେଇଥିଲେ ।ଏହି ଅବସରରେ ଶ୍ରୀ ଭାରତୀ ମନ୍ଦିର ସମ୍ମୁଖସ୍ଥ ବିଦ୍ୟୁତ ତାରର ଭୂତଳ ସରବରାହ ବ୍ୟବସ୍ଥା କୁ ଶୁଭ ପ୍ରଦାନ କରିଥିଲେ ।ସମଗ୍ର ପରିବେଶ ବେଶ ଭକ୍ତିପୂତ ହେବା ସାଙ୍ଗକୁ ଶ୍ରଦ୍ଧାଳୁ ମାନେ ଚତୁର୍ଦ୍ଧା ମୂର୍ତ୍ତି ଙ୍କର ଦର୍ଶନ କରି ଅପୂର୍ବ ଆଧାତ୍ମିକ ଉଚ୍ଛ୍ୱାସ ଏବଂ ଅଲୌକିକ ଐଶ୍ୱରୀୟ ଆନନ୍ଦ ଉପଲବ୍ଧି କରିବା ର ବିରଳ ଦୃଶ୍ୟ ବେଶ ଭାବଦ୍ଦୀପକ ଓ ମର୍ମସ୍ପର୍ଶୀ ଥିଲା। ପ୍ରତିଷ୍ଠା ଦିବସ ଉପଲକ୍ଷେ ଭୁବନେଶ୍ୱର ର ସଂସ୍କୃତିକ ଅନୁଷ୍ଠାନ କଳାଶ୍ରମ ଏବଂ ନୀଳାଚଳ ସେବାସଂଘ ର ମିଳିତ ସହଯୋଗ ରେ ମନ୍ଦିର ପରିସରରେ ଆୟୋଜିତ ତିନି ଦିନିଆ ଗୁରୁକୃପା ଉତ୍ସବ-୨୦୨୩-୨୪ ଅବସରରେ ବହୁ ବିଶିଷ୍ଟ କଳାକାର ସେମାନଙ୍କର ସୃଜନଶୀଳ ପ୍ରତିଭା ଓ ପାରଦର୍ଶିତା ର ଚତୁର୍ଯ୍ୟ ପ୍ରଦର୍ଶନ କରି ଦର୍ଶକ ମାନଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲେ । ପ୍ରତ୍ୟେକ ସନ୍ଧ୍ୟା ର କାର୍ଯ୍ୟକ୍ରମ ସୁନାମଧନ୍ୟ ସଙ୍ଗୀତଜ୍ଞ ଗୁରୁ ପ୍ରଶାନ୍ତ କୁମାର ବେହେରା ଓ ସାଥିଙ୍କ ଦ୍ୱାରା ସୁମଧୁର ଜଗନ୍ନାଥ ଭଜନ ପରିବେଷଣ ରୁ ଆରମ୍ଭ ହୋଇଥିଲା ।ଗୁରୁ ଶ୍ରୀ ବେହେରା ଙ୍କ ସହିତ ଗାୟନରେ ତନୁଶ୍ରୀ ତ୍ରିପାଠୀ, ରିତୀକା ଖାରେ,କିବୋର୍ଡ ରେ ସୁବୋଧ ନାରାୟଣ ପାଢ଼ୀ ଏବଂ ତବଲା ରେ ପ୍ରଦୀପ ମହାରଣା ସହଯୋଗ କରିଥିଲେ। ଗୁରୁକୃପା ଉତ୍ସବ ର ଅନ୍ୟାନ୍ୟ ବିଶେଷ ଆକର୍ଷଣ ମଧ୍ୟରେ କୋଲକତା ର ରିଂପା ସିବା ଙ୍କର ତବଲା ବାଦନ, ନୃତ୍ୟାଳୟ ଦ୍ୱାରା ଓଡ଼ିଶୀ ଗୋଷ୍ଠୀ ନୃତ୍ୟ 'ନୀଳାଦ୍ରି ନାଥ' ଓ 'ବାଳଗୋପାଳଷ୍ଟକ' ତଥା ସମ୍ବଲପୁରୀ ନୃତ୍ୟନାଟିକା 'ମଥୁରା ଗମନ' ,ଗୁରୁ ବିଜୟ କୁମାର ଦାଶ ଓ ଶଚିକାନ୍ତ ପ୍ରଧାନଙ୍କ ଓଡିଶୀ ନୃତ୍ୟାଭିନୟ 'କୈବର୍ତ୍ତ ପ୍ରସଙ୍ଗ', ଗୁରୁ ରୀଲା ହୋତା ଓ ସୁଦର୍ଶନ ସାହୁ ଙ୍କ ଦ୍ୱାରା ଓଡ଼ିଶୀ ନୃତ୍ୟ, 'ଉଇ ଆର ୱାନ' ପକ୍ଷରୁ ମଞ୍ଚସ୍ଥ ହୁଇଲ ଚେୟାରରେ ନୃତ୍ୟାଭିନୟ, ଗଣେଶ ବନ୍ଦନା ଓ ଭାଗବତ ଗୀତା ନୃତ୍ୟ ନାଟିକା ,ଗୁରୁ ବନଶ୍ରୀ ରାଓଙ୍କର ଭାରତ ନାଟ୍ୟମ, ଛଉ, କୁଚୁପୁଡି ଆଦି ନୃତ୍ୟ ସଂରଚନା, ଗୁରୁ ସନାତନ ନାୟକ ଓ ଟ୍ରୁପ ଦ୍ୱାରା ପ୍ରସ୍ତୁତ ସମ୍ବଲପୁରୀ ନୃତ୍ୟ ନାଟିକା 'ମାନିନୀ', ଦେବଜାନି ମୀତ୍ର ଓ ବିଟ୍ଟୁ ସରକାର ଫାଉଣ୍ଡେସନଙ୍କ ଦ୍ୱାରା କଥକ ନୃତ୍ୟ, କଳାଶ୍ରମ ର ଗୁରୁ ନିତ୍ୟାନନ୍ଦ ଦାସ ଓ ଗୁରୁ ବିଜୟ କୁମାର ଦାଶ ଙ୍କ ଦ୍ୱାରା ପ୍ରସ୍ତୁତ 'ହେ ଶଖା' ନୃତ୍ୟାଭିନୟ, ସୀତାକାନ୍ତ ବେହେରା ଓ ସାଥିଙ୍କ ଦ୍ୱାରା ମଞ୍ଚସ୍ଥ ହାସ୍ୟନାଟକ 'ପେଟେଣ୍ଟ ମେଡ଼ିସିନ', ପତିତପାବନ କଳାନିକେତନ ଦ୍ୱାରା ପରିବେଷିତ ଓଡ଼ିଶୀ ଓ ସମ୍ବଲପୁରୀ ଗୋଷ୍ଠୀ ନୃତ୍ୟ ଏବଂ ଯାତ୍ରା ଜଗତର ପ୍ରସିଦ୍ଧ ତାରକା ଦୈତାରୀ ପଣ୍ଡା ଙ୍କର ଦମଦାର ଅଭିନୟ ଆଦି ଅନ୍ତର୍ଭୁକ୍ତ ଥିଲା। ବିଭିନ୍ନ ଦିବସ ର ସାଂସ୍କୃତିକ ସନ୍ଧ୍ୟାରେ ଅତିଥି ଭାବରେ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ମିନାକ୍ଷୀ ଲେଖୀ, ବରିଷ୍ଠ ପ୍ରଶାସକ ଡ଼ଃ ଅମରେନ୍ଦ୍ର ଖଟୁଆ, ଭି. ଶ୍ରୀନିବାସ, ଡ଼ଃ ନିତିନ ମଦନ,ମହାବୀର ସିଙ୍ଗଭୀ, ଡ଼ଃ.ସରୋଜ କୁମାର ଜେନା, ରବି ପାଣି ,ବିମଳ ପଣ୍ଡା, ସବିତା ପ୍ରଧାନ ଓ ମୀନା ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଇଂଜିନିୟର ଡ଼ଃ ଶ୍ରୀନିବାସ ଘଟୁଆରୀ ସମଗ୍ର କାର୍ଯ୍ୟକ୍ରମ କୁ ସୁଚାରୁ ରୁପେ ସଞ୍ଚାଳନା କରିଥିଲେ। ଗୁରୁକୃପା ଉତ୍ସବ ପରିଚାଳନା କରିବାରେ ରବୀନ୍ଦ୍ର ନାଥ ପ୍ରଧାନ, ଗୁରୁ ନିତ୍ୟାନନ୍ଦ ଦାସ ଏବଂ ବିଜୟ କୁମାର ଦାଶ ପ୍ରମୁଖ ମୂଖ୍ୟ ଭୂମିକା ଗ୍ରହଣ କରିଥିଲେ । ମନ୍ଦିର ର ପ୍ରତିଷ୍ଠା ଦିବସ ସମାରୋହକୁ ଦକ୍ଷତାର ସହିତ ଆୟୋଜନ ଏବଂ ସଫଳତା ର ସହିତ ସମାପନ କରିବାରେ ମନ୍ଦିର ପରିଚାଳନା କମିଟିର ସଭାପତି ବିଘ୍ନେଶ୍ୱର ରାଉତ, ସମ୍ପାଦକ ରବୀନ୍ଦ୍ର ନାଥ ପ୍ରଧାନ ତଥା କର୍ମକର୍ତ୍ତା ବୃନ୍ଦ ଯଥା ଅଶୋକ ପ୍ରଧାନ(କ), କ୍ଷୀରୋଦ ପାତ୍ର,ଗଜେନ୍ଦ୍ର ସାମନ୍ତ, ଅଭିରାମ ସୁତାର, ଅଶୋକ ପ୍ରଧାନ(ଖ), ଅଜୟ ପ୍ରଧାନ,ପଙ୍କଜ ମହାନ୍ତି, ରଙ୍କନିଧି ସାହୁ, ବିଜୟ ସାହୁ, ଦିଲ୍ଲୀପ କୁମାର ସ୍ୱାଇଁ, ଅମୂଲ୍ୟ ଓଝା, ସୁକାନ୍ତ ସାହୁ ଏବଂ ମନ୍ଦିରର ପରିଚାଳକ ରଶ୍ମି ରଞ୍ଜନ ବେହେରା ,ସହ ପରିଚାଳକ ଶଶୀକାନ୍ତ ସାହୁ, ସଂଜୀବ ଜେନା ଏବଂ ମନ୍ଦିର ର ପୂଜକ ସନାତନ ପାଢ଼ୀ, ଦ୍ୱେବ୍ରତ ମିଶ୍ର, ଜଗବନ୍ଧୁ ଦାଶ, ପ୍ରେମାନନ୍ଦ ଶତପଥି, ସନ୍ତୋଷ ପଣ୍ଡା ଓ ପ୍ରଶାନ୍ତ ଦାଶ ପ୍ରମୁଖଙ୍କର ଭୂମିକା ଉଲ୍ଲେଖଯୋଗ୍ୟ ଥିଲା।




Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray